# 'ଆଇଆଇପିଏମ୍ ଶିକ୍ଷା କ୍ଷେତ୍ରରେ ଏକ ନୂତନ ଦିଗନ୍ତ'

## ୨୭ତମ ପ୍ରତିଷ୍ଠା ଦିବସ

କାଂଶବାହାଲ,ତା୨୪।୧୦(ନି.ପ୍ର.)- ଆଇଆଇପିଏମ୍ ଶିକ୍ଷା କ୍ଷେତ୍ରରେ ଏକ ନୂତନ ଦିଗନ୍ତ ସୃଷ୍ଟି କରିବା ସହ ଶିକ୍ଷାକୁ ଶୀର୍ଷସ୍ଥାନରେ ପହଞ୍ଚାଇ ଏକ ବିପ୍ଳବ ଆଣିଦେଇଛି ବୋଲି ଆଜି ଅନୁଷ୍ଠାନର ୨୭ତମ ପ୍ରତିଷ୍ଠା ଦିବସରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଗତକାଲିଠାରୁ ଆରମ୍ଭ ହୋଇଥିବା ଆଇଆଇପିଏମ୍ ଜାତୀୟ ସେମିନାରର ଆଜି ଦ୍ୱିତୀୟ ଦିନରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଇଆଇପିଏମ୍‌ର ସଫଳତାର କାହାଣୀ ବର୍ଣ୍ଣନା କରିବା ସହ ବୈଷୟିକ ଶିକ୍ଷା କ୍ଷେତ୍ରରେ ଜିଲାର ଛାତ୍ରଛାତ୍ରୀଙ୍କୁ ଉନ୍ନତମାନର ତାଲିମ ପ୍ରଦାନ ସଂପର୍କରେ ପ୍ରସ୍ତାବ ଦେଇଥିଲେ । ରାଉରକେଲା ଏନ୍‌ଆଇଟିର ନିର୍ଦ୍ଦେଶକ ସୁନିଲ କୁମାର ଷଡ଼ଙ୍ଗୀ ଅନ୍ୟତମ ଅତିଥି ଭାବେ



ଫଟୋ: ସମାଜ (କ)

ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେବା ସହ ଆଇଆଇପିଏମ୍‌ର ପ୍ରଶଂସା କରିଥିଲେ । କାଂଶବାହାଲ ଏଲଏଣ୍ଡଟିର ଉପସଭାପତି ଏସ୍.କେ.ଗୁପ୍ତା ଅତିଥି ଭାବେ ଯୋଗଦେଇ ଆଇଆଇପିଏମ୍‌ର ଲକ୍ଷ୍ୟ ସଂପର୍କରେ ଆଲୋକପାତ କରିଥିଲେ । ଅନୁଷ୍ଠାନର ଉପ ନିର୍ଦ୍ଦେଶକ ଡଃ ମିହିର ନାୟକ ଏଥିରେ ସଭାପତିତ୍ୱ କରି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଅନୁଷ୍ଠାନର ସହକାରୀ ନିର୍ଦ୍ଦେଶକ ଆର.ଏନ୍.ପାଲ ମଞ୍ଚାସୀନ ଥିବାବେଳେ ମୁଖ୍ୟ ଅତିଥି ଶ୍ରୀ ନାୟକ ବିଦେଶରୁ ତାଲିମ ନେବା ପାଇଁ ଆଇଆଇପିଏମ୍‌କୁ ଆସିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଶେଷରେ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ସ୍କୁଲ୍ ଛାତ୍ରଛାତ୍ରୀଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।